## ବାନ୍ଦନା ଗୀତ

ରାମଚନ୍ଦ୍ର ମହାନ୍ତ (ଶିକ୍ଷକ)

କନେ ମରଲେ ଅହିରା
ଟୁଅର ନା ଟାପର ଗୋ
କନେ ମରଲେ ଅହିରା ଯୋଳା ବାୟଂଟୁଟତୟ୍
କନେ ମରଲେ ଘାରା ଶୁଇନରେ ...
ଅହିରେ ମାଇଁ ମରଲେ ଅହିରା
ଟୁଅର ନା ଟାପର ଗୋ ...
ବାପୁ ମରଲେ ରେ କୁଅଁର ...
ଭାଇ ମରଲେ ଅହିରା
ଯୋଳା ବାୟଂ ଟୁଟତୟ୍
ଭଉଜୀ ମରଲେ ଘାରା ଶୁଭନ୍‌ରେ ...
ସବୁ ପରବ ଭାଇରେ
ଘୁରି ଫେରି ଆଓ୍ୱେଇରେ
ମରଲ ମାନୁଷ ନହିଁ ଆଓ୍ୱେଇ୍‌ରେ ...

**ସାନନଈ ଉଚ୍ଚ ବିଦ୍ୟାଳୟ**
ଟଙ୍କାବିଲା, ମୟୂରଭଞ୍ଜ

## ଆପନ କରି

ଶ୍ରୀଧର ମହାନ୍ତ

ଟୁସୁମେଲାଇ ଦେଖି କରି ମନ ମୋର ହେଲାଇ ଘାରି
ଚମ୍ପାଗୋରୀ ଯବାଧରୀ
ଯୌବନେ ମାରେ ଲହରୀ
ଦେଖି ମୋକେ ଦେଲାଇଁ ଆଁଖ ମାରି । ୧
ଘାର୍ ସେନା ଆଉଲଁ ଘୁରି ଅକେ ମାଇରି ଝୁରି ଝୁରି ।
ଖିଆପିଆ ଯେ ବି ସରି
ମନେ ଭାବ କେସନ୍ କରି ।
ଭାବେଁ ଅକେ ଆନମ୍ ଆପନ୍ କରି । ୨
ମୁଖେର ରୂପମାଧୁରୀ ନୟନେ ଘୁରେ ଚକରୀ
ଝିଲି ମିଲିଆ ଉତ୍ତରୀ
ଛଁଲା ଦେଖତ୍ ଘୁରିଫେରି
ମନ୍‌କେ ମୋର ଦେଲି କାବୁ କରି । ୩

**ବାଟପଲସା, ତାଟୋ, ମୟୂରଭଞ୍ଜ**